# Akashvani, Sambalpur

## SAMBALPURI NEWS EVENING BULLETIN

## 29 June 2024- 7.02 pm- 7.12 pm.

*******************************************

୧- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବାକାଏଲ୍ ସଖାଲ୍‌ବେଲା ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ କର୍‌ବେ ସମ୍ବୋଧନ୍ ।

୨- କେନ୍ଦ୍ର ସର୍‌କାର୍‌ଙ୍କର୍ ସହଯୋଗ୍ - ବିକଶିତ୍ ଓଡ଼ିଶା ଗଠନ୍ ଦିଗେ ହେବା ସହାୟକ- କହେଲେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ।

୩- ଆଏବା ସୋମ୍‌ବାର୍‌ନୁ କାମ୍ କର୍‌ବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠ ।

୪- ରାଜ୍ୟର୍ ସବୁ ଧାନ୍‌ମଣ୍ଡିଥି ୨ ମାସ୍ ଭିତ୍‌ରେ ଲାଗ୍‌ବା ସିସିଟିଭି କେମ୍‌ରା ।

ଆଉର୍

୫- ସାରା ସୁବର୍ଣ୍ଣପୁର୍ ଜିଲ୍ଲା ନ ଆଏବାକାଏଲ୍ ସଖାଲର୍ ୬ ନୁ ଦୁଇପହରର୍ ୨ ବଜେତକ୍ ବନ୍ଦ୍ ରହେବା ବିଜ୍‌ଲି ଯୋଗାଣ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବାକାଏଲ୍ ସଖାଲବେଲା ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ୩ ନମ୍ବର୍ ଥର୍ ପ୍ରଧାନ୍‌ମନ୍ତ୍ରୀ ହେଲା ଉତ୍‌ରୁ ଇଟା ଶ୍ରୀ ମୋଦୀଙ୍କର୍ ଶହେ ୧୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ମୁଖ୍ୟମନ୍ତ୍ରୀ- କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଆର୍‌ଏନ୍‌ୟୁ /ସମ୍ବଲପୁର

ନୂଆଦିଲ୍ଲୀ ଗସ୍ତ ନ ଥିବା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ ଦୁହି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆର୍ ପ୍ରଭାତୀ ପରିଡ଼ା ଆଏଜ୍ ରାଜ୍‌ଘାଟ୍ ନ ଜାତିର ପିତା

ମହାତ୍ମାଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ୍ କରିଛନ୍ । ଇତାର୍‌ସଙ୍ଗେ ସେମାନେ ଆଘର୍ ପ୍ରଧାନ୍‌ମନ୍ତ୍ରୀ ଅଟଲ୍ ବିହାରୀ ବାଜପେୟୀଙ୍କର୍ ସମାଧି ଜାଗା ସଦେୱ ଅଟଲ୍ ନ ଭିଲ୍ ଶ୍ରଦ୍ଧାଞ୍ଜଳି ଜନେଇଥିଲେ । ଦେଶ୍‌କେ ବିଶ୍ୱ ଦର୍‌ବାର୍ ନ ପୁହୁଁଚାବାର୍ ଦିଗେ ସ୍ୱର୍ଗତ୍ ବାଜପେୟୀଙ୍କର୍ ଖୋବ୍‌ଟେ ଅବଦାନ୍ ଅଛେ ଆର୍ ସେ ତାକର୍ ଠାନୁ ରାଜ୍‌ନୀତିଥି ଯୋଗ୍ ଦେବାର୍ ପ୍ରେରଣା ପାଇଥିଲେ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ।

ଇତାର୍‌ସଙ୍ଗେ ମୁଖ୍ୟମନ୍ତ୍ରୀ ଆଏଜ୍ ବୈଦେଶିକ ବ୍ୟାପାର୍ ମନ୍ତ୍ରୀ ଡକ୍ଟର୍ ଏସ୍. ଜୟଶଙ୍କର୍‌ଙ୍କୁ ଭେଟିଥିଲେ । ସେନ୍ତା ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ଆଉ ଦୁହି ଉପମୁଖ୍ୟମନ୍ତ୍ରୀ ଭିନ୍ ଭିନ୍ ମନ୍ତ୍ରଣାଳୟର୍ କେନ୍ଦ୍ରମନ୍ତ୍ରୀମାନ୍‌କୁ ଭେଟିକରି ଓଡ଼ିଶାର୍ ସ୍ୱାର୍ଥ ଜୁଡ଼ି ହେଇକରି ଥିବା ବିଷେ ମାନ୍‌କର୍ ଉପ୍‌ରେ ଆଲୋଚନା କରିଥିଲେ । ରାଜ୍ୟର୍ ବିକାଶ୍ ଦିଗେ କେନ୍ଦ୍ର ସର୍‌କାର୍‌ଙ୍କର୍ ସହଯୋଗ୍ ଗୁଟେ ନୂଆଁ ଅଧ୍ୟାୟ ସୃଷ୍ଟି କର୍‌ବା ଆର୍ ଆଏବା ଦିଗେ ନୂଆଁ ଆର୍ ବିକଶିତ୍ ଓଡ଼ିଶା ଗଠନ୍ ଦିଗେ ସାହାଜ୍ କର୍‌ବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠ ପ୍ରେସ୍ ରିଲିଜ୍

ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠ ଆଏବା ସୋମ୍ବାର୍ ୧ ତାରିଖ୍ନୁ କାମ୍ କର୍ବା । ସେଦିନ ସଖାଲର ୧୧ ବଜୁ ଭୁବ୍ନେଶ୍ୱରର୍ ୟୁନିଟ୍-୫ ନ ଥିବାର୍ ଅଭିଯୋଗ୍ ପ୍ରକୋଷ୍ଠ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଲୋକ୍ମାନ୍କର୍ ଭିନ୍ ଭିନ୍ ଅଭିଯୋଗ୍ର ଶୁଣାଣି କର୍ବେ । ଅଭିଯୋଗ୍ ଶୁଣାଣି ଲାଗି ସେହିଦିନ ସଖାଲର୍ ୯ ବଜାନୁ ମଏଧାନର୍ ୧୨ ବଜାତକ୍ ପଞ୍ଜିକରଣ୍ ହେବା । ରାଜ୍ୟର୍ ଲୁକେ ନିଜର୍ ନାଁ ପଞ୍ଜିକରଣ୍ କରେଇକରି ନିଜେ ଉପସ୍ଥିତ୍ ରହିକରି ସେମାନ୍କର୍ ଅଭିଯୋଗ୍ ମୁଖ୍ୟମନ୍ତ୍ରୀଙ୍କୁ ଜନେଇପାର୍ବେ । ଇତାର୍ସଙ୍ଗେ ଫି ସୋମ୍ବାର୍ ଦିନ ଜିଲ୍ଲାସ୍ତର ନ ଭିଲ୍ ଜିଲ୍ଲାପାଲ୍ ମାନେ ଲୁକ୍କର୍ ଅଭିଯୋଗ୍ ଶୁଣାଣି କରିକରି ତାର୍ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟାଳୟକେ ପଠାବାର୍କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ଅମର୍ନାଥ୍ ଯାତ୍ରା ଏନ୍ଏସ୍ଡି

ଇ ବଛରର୍ ଅମର୍ନାଥ୍ ଯାତ୍ରା ଆଏଜ୍ଠାନୁ ମୁଲ୍ ହେଇଛେ । ଇ ଅବ୍ସରେ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଯାତ୍ରୀମାନ୍କୁ ଶୁଭେଚ୍ଛା ଜନେଇଛନ୍ । ସେନ୍ତା ଗୃହମନ୍ତ୍ରୀ ଅମିତ୍ ଶାହା ଭିଲ୍ ଅମର୍ନାଥ୍ ଯାତ୍ରୀମାନ୍କୁ ଶୁଭେଚ୍ଛା ଜନେଇକରି ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ସର୍କାର୍

ଭକ୍ତମାନ୍‌କର୍ ସୁରକ୍ଷିତ୍ ଆର୍ ଆରାମ୍‌ଦାୟକ୍ ଯାତ୍ରାର୍ ଲାଗି ଅଙ୍ଗିକାର୍‌ବଦ୍ଧ ବଲି ସାମାଜିକ୍ ଗଣମାଧ୍ୟମ୍ ଜରିଏ କହିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଇ ଯାତ୍ରା ଆଏବା ୫୨ ଦିନ୍ ଧରିକରି ଚାଲ୍‌ବା । ଇ ଯାତ୍ରାଥି ଭକ୍ତମାନେ ଦକ୍ଷିଣ କାଶ୍ମୀର୍ ହିମାଲୟର୍ ୩ ହଜାର୍ ୮ ଶହ ୮୦ ମିଟର୍ ଉଚ୍ଚାଥି ଥିବାର୍ ଅମର୍‌ନାଥ୍ ଗୁମ୍ଫା ନ ପବିତ୍ର ଲିଙ୍ଗ ଦର୍ଶନ୍ କର୍‌ସନ୍ ।

ଜିଲ୍ଲା ଜଜ୍ ସମ୍ମିଲନୀ      ଆର୍‌ଏନ୍‌ୟୁ/ କଟକ୍

ଲୁକ୍‌କୁ ତ୍ୱରିତ୍ ନ୍ୟାୟ ପ୍ରଦାନ୍ ଦିଗେ ବିଚାର୍‌ପତି ମାନେ ଯତ୍ନବାନ୍ ହେବାର୍‌କେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ଚକ୍ରଧାରୀ ଶରଣ୍ ସିଂ କହିଛନ୍ । ହାଇକୋର୍ଟ ତର୍‌ଫୁ ହେଇଥିବା ଜିଲ୍ଲା ଜଜ୍ ସମ୍ମିଲନୀକେ ଉଦ୍‌ଘାଟନ୍ କରିକରି ମୁଖ୍ୟ ବିଚାର୍‌ପତି କହିଛନ୍ ଯେ, ଜିଲ୍ଲା ଜଜ୍ ଅଦାଲତ୍‌ମାନ୍‌କୁ ମକ୍‌ଦ୍ଦମାର୍ ଶୁଣାଣି, ନ୍ୟାୟିକ ପ୍ରକ୍ରିୟା ଆର୍ ତ୍ୱରିତ୍ ନ୍ୟାୟ ଦେବାର୍‌ଟା ଇହାଛିନିର୍ ସମିଆର୍ ଆବଶ୍ୟକତା ଆଏ । ଓଡ଼ିଶା ଜୁଡ଼ିସିଆଲ୍ ଏକାଡେମୀ ପରିସର ନ ମୁଲ୍ ହେଇଥିବା ଇ ସମ୍ମିଲନୀଥି ଲୁକ୍‌କୁ ନ୍ୟାୟ ଦେବାର୍ ଦିଗେ ହଉଥିବା ବାଧା ମାନ୍‌କୁ କେନ୍ତା ଦୂର୍ କରାଯାଇପାର୍‌ବା ସେ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ଧାନ୍ ମଣ୍ଡି-ସିସିଟିଭ       ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ସବୁ ଧାନ୍ ମଣ୍ଡିଥି ଆଏବା ୨ ମାସ୍ ଭିତ୍‌ରେ ସିସିଟିଭି କେମ୍‌ରା ଲାଗ୍‌ବା ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚ୍‌ନା ଦେଇଛନ୍ । ସେ କହିଛନ୍ ଯେ, କିଏ କେନ ଧାନ୍ ଅନ୍‌ଲୋଡ୍ କଲେ ହେଟା ଜାନ୍‌ବାର୍‌କେ ସବୁ ଗାଡ଼ିଥି ଜିପିଏସ୍ ଲଗାଯିବା । ଧାନ୍ ମଣ୍ଡିମାନ୍‌କୁ ଦୁର୍ନୀତି ବନ୍ଦ୍ କର୍‌ବାର୍ ଲାଗି ଇ ପଦକ୍ଷେପ୍ ନିଆଯାଉଛେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ । ସେ ଆହୁରି କହିଛନ୍ ଯେ, ଏତ୍‌କର୍ ମଣ୍ଡିମାନ୍‌କୁ କେହେନି ପ୍ରକାରର୍ କଟ୍‌ନୀ ଛଟ୍‌ନୀ ନାଇଁ ହୁଏ । ମଣ୍ଡିମାନ୍‌କୁ ଚାଷୀମାନ୍‌କୁ ଯେନ୍‌ତା ଜହ ଦିନ୍ ଟାକ୍‌ବାର୍‌କେ ନାଇଁ ପଡ଼େ ହେଥିର୍‌ଲାଗି ଭିଲ୍ ସୁବିଧା କରାଯିବା ।

ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ-ବର୍‌ଗଡ୍       ବର୍‌ଗଡ୍

ସମ୍ବାଦଦାତା

ହୀରାକୁଦ୍ ବୁଡ଼ି ଅଂଚଲ୍‌ର ବିସ୍ଥାପିତ୍ ପରିବାର୍‌ଙ୍କୁ ନ୍ୟାୟ ଦେବାର୍‌କେ ହୃଦୟର୍ ସହିତ କାମ୍ କର୍‌ବାର୍ ଲାଗି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ

ବିଭାଗୀୟ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ । ଆଏଜ୍ ବର୍‌ଗଡ଼୍ ଗସ୍ତ ଅବ୍‌ସରେ ମନ୍ତ୍ରୀ ଶ୍ରୀ ପୂଜାରୀ ଜିଲ୍ଲା ପରିଷଦ୍ ସମ୍ମିଲନୀ କକ୍ଷ ନ ସମୀକ୍ଷା ବୈଠକ୍ କରିକରି ହୀରାକୁଦ୍ ବୁଡ଼ି ଅଂଚଲ୍‌ର ବିସ୍ଥାପିତ୍ ପରିବାର୍‌ଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ୍ ଉପ୍‌ରେ ଜୋର୍ ଦେଇଛନ୍ । ଇତାର୍‌ସଙ୍ଗେ ଜିଲ୍ଲା ନ ରାଜସ୍ୱ ମାମ୍‌ଲାର୍ ଫଇସଲା ବାବ୍‌ଦେ ସେ ଆଲୋଚନା କରିଥିଲେ । ବୈଠକ୍‌ଥି ବିଧାୟକ୍ ଅଶ୍ୱିନୀ ଷଡ଼ଙ୍ଗୀ, ଇରାଶିସ୍ ଆଚାର୍ଯ୍ୟ, ସନଥ୍ କୁମାର୍ ଗଡ଼ତିଆ ଆର୍ ନିହାର୍ ମହାନନ୍ଦ ଜିଲ୍ଲାପାଳ୍ ଆଦିତ୍ୟ ଗୋୟଲ୍‌ଙ୍କର୍ ସହେତେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ମନ୍ତ୍ରୀ ଶ୍ରୀ ପୂଜାରୀଙ୍କୁ ଗୋଡ଼ଭଗା, ଅତାବିରା ଆର୍ ବର୍‌ଗଡ଼୍ ସହର୍ ନ ଭିନ୍ ଭିନ୍ ସାମାଜିକ୍ ଆଉ ସାଂସ୍କୃତିକ୍ ସଂଗଠନ୍ ତର୍‌ଫୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ବର୍‌ଗଡ଼୍ ଜିଲ୍ଲା ଓକିଲ୍ ସଂଘ ନ ସଭାପତି ଭୀଷ୍ମଦେବ ସରାଫ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସମ୍ବର୍ଦ୍ଧନା ସଭାଥି ମନ୍ତ୍ରୀ ଶ୍ରୀ ପୂଜାରୀ ଯୋଗ୍ ଦେଇଥିଲେ ।

ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷ୍‌ନା ପ୍ରେସ୍ ରିଲିଜ୍

ଅନୁଗୁଲ୍ ଜିଲ୍ଲାର୍ ଟିକର୍‌ପଡ଼ା ନ ମହାନଦୀ ଖଁଡ଼ିଥୁ ମଗର୍ ଘିଚିନେବାର୍‌ଥି ଗୁଟେ ପିଲା ଛୁଆର୍ ଜୀବନ୍ ଯାଇଥିବାର୍‌ନୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଭୀର ଦୁଃଖ ପ୍ରକାଶ୍ କରିଛନ୍ । ସେ ପିଲାଛୁଆର୍ ପରିବାର୍ ଲୁକ୍‌କୁ ସମବେଦନା

ଜନାବାର୍ ସଙ୍ଗେ ୬ ଲାଖ୍ ଟଙ୍କାର୍ ଅନୁକମ୍ପାମୂଲକ୍ ସାହାଜ୍ ଘୋଷ୍‌ନା କରିଛନ୍ ।

ୟୁଜିସି ନେଟ୍ ପରୀକ୍ଷା -ତାରିଖ୍ ଘୋଷ୍‌ନା ଏନ୍‌ଏସ୍‌ଡି

ଜାତୀୟ ପରୀକ୍ଷଣ୍ ସଂସ୍ଥାନ୍ ଏନ୍‌ଟିଏ ତର୍‌ଫୁ ବାତିଲ୍ ହେଇଥିବା ୟୁଜିସି ନେଟ୍ ପରୀକ୍ଷା ଲାଗି ନୂଆଁ ତାରିଖ୍ ଘୋଷ୍‌ନା କରାଯାଇଛେ । ହେ ପରୀକ୍ଷା ଆଏବା ଅଗଷ୍ଟ୍ ୨୧ ତାରିଖ୍‌ନୁ ସେପ୍ଟେମ୍ବର୍ ୨୪ ତାରିଖ୍ ଭିତ୍‌ରେ ହେବା । ସେନ୍ତା ସ୍ଥଗିତ୍ ରଖାଯାଇଥିବା ସିଏସ୍‌ଆଇଆର୍ - ୟୁଜିସି ନେଟ୍ ପରୀକ୍ଷା ଆଏବା ଜୁଲାଇ ମାସର୍ ୨୫ ନୁ ୨୭ ତାରିଖ୍ ଭିତ୍‌ରେ ହେବା । ଏନ୍‌ଟିଏ ତର୍‌ଫୁ ଏନ୍‌ସିଇଟି ଆର୍ ଆୟୁସ୍ ପିଜି ଏଂଟ୍ରାନ୍ସ ପରୀକ୍ଷାର୍ ତାରିଖ୍ ଭିଲ୍ ଘୋଷ୍‌ନା କରାଯାଇଛେ ।

ପଶୁସମ୍ପଦ୍ ମନ୍ତ୍ରୀ ଗୋକୁଲାନନ୍ଦ ମଲ୍ଲିକ୍-ଗୋଶାଲା

ଆର୍‌ଏନ୍‌ୟୁ/ସମ୍ବଲପୁର

ରାଏଜେ ୨ ଶହ ଟା ଗୋଶାଲା ଖୁଲାଯିବା ବଲି ରାଜ୍ୟ ମତ୍ସ୍ୟ ଆଉ ପଶୁସମ୍ପଦ୍ ମନ୍ତ୍ରୀ ଗୋକୁଲାନନ୍ଦ ମଲ୍ଲିକ୍ କହିଛନ୍ । ସେ କହିଛନ୍ ଯେ, ରୋଡ୍ ଘାଟେ ଦୁର୍ଘଟଣାଥି ଆକ୍ରାନ୍ତ ପଶୁମାନ୍‌କର୍ ଚିକିତ୍ସାର୍ ଲାଗି ଭ୍ରାମ୍ୟମାଣ ଚିକିତ୍ସାଲୟ

ଖୁଲାଯିବା । ରାଏଜେ ଗୋଚାଲାଣ୍ ରୁକ୍ବାର୍କେ ଗୁଟେ ଖାସ୍ ରୋଡ୍ମେପ୍ ତିଆର୍ କରାଯାଇଛେ ଆଉ ଗୋଚାଲାଣ୍କାରୀଙ୍କର୍ ବିରୋଧ୍ ନ କଠୋର୍ କାର୍ଯ୍ୟାନୁଷ୍ଠାନ୍ ହେବା । ସେନ୍ତା ଗାଁ ଇଲାକାଥି ମସ୍ତ୍ୟଜୀବୀମାନ୍କର୍ ଲାଗି ଶୀତଲ୍ଭଣ୍ଡାର୍ ତିଆର୍ କର୍ବାର୍ ଉପ୍ରେ ଜୋର୍ ଦିଆଯାଉଛେ  ବଲି ମନ୍ତ୍ରୀ ଶ୍ରୀମଲ୍ଲିକ୍ କହିଛନ୍ ।

ଶୀତଲ୍ଭଣ୍ଡାର୍      ଆର୍ଏନ୍ୟୁ/ କଟକ୍

ରାଜ୍ୟର୍ ଫିʼ ବ୍ଲକ୍ ନ ଶୀତଲ୍ଭଣ୍ଡାର୍ ଥାପ୍ନା ହେବା ଆର୍ ହେଥିର୍ଲାଗି ସର୍କାର୍ ଯୋଜ୍ନା କରୁଛନ୍ ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ରାଏଜେ ଦରଦାମ୍ ଆଏତେ ଥିବାର୍ ବେଲେ ଆଲୁ ପିଆଜ୍ ବାହାର୍ ରାଜ୍ୟନୁ ଆସୁଥିବାର୍ନୁ ହେଥିର୍ ଦାମ୍ ଟିକେ ବଢ଼ିଛେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ । ଯେନ୍ ଖୁଚୁରା ବେପାରୀ ଅଏତ୍କା ଲାଭ୍ ରଖିକରି ସାମାନ୍ ବିକୁଥିଲେ ସେମାନ୍କର୍ ବିରୋଧ୍ ନ କାର୍ଯ୍ୟାନୁଷ୍ଠାନ୍ ହେବା ବଲି ସେ କହିଛନ୍ ।

ସୁବର୍ଣ୍ଣପୁର୍- ବିଜ୍ଲି କାଟ୍      ସମ୍ବଲ୍ପୁର୍ ସମ୍ବାଦଦାତା

ଓପିଟିସିଏଲ୍ ତର୍‌ଫୁ ଶହେ ୩୨ କେଭି ଲାଇନ୍‌ର ଦେଖ୍‌ରେଖ୍ କାମ୍ ଲାଗି ଆଏବା କାଏଲ୍ ସଖାଲର୍ ୬ ବଜୁ ଦୁଇପହରର୍ ୨ ବଜାତକ୍ ସାରା ସୁବର୍ଣ୍ଣପୁର୍ ଜିଲ୍ଲା ନ ବିଜ୍‌ଲି ଯୋଗାଣ ବନ୍ଦ୍ ରହେବା । ନିରନ୍ତର୍ ବିଜ୍‌ଲି ସେବା ଚଲେଇ ରଖ୍‌ବାର୍ ଲାଗି ଲାଇନ୍‌ର ଦେଖ୍‌ରେଖ୍ କାମ୍ ଖୋବ୍ ଜରୁରୀ ଆଏ ବଲି ଓପିଟିସିଏଲ୍ ତର୍‌ଫୁ କୁହାଯାଇଛେ ।

ସମ୍ବଲ୍‌ପୁର୍ ବହିହାଟ୍ ଆର୍‌ଏନ୍‌ୟୁ/ସମ୍ବଲପୁର

ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ପରିସର୍ ନ ଥିବା ଉପଯୋଗିତା କେନ୍ଦ୍ର ନ ଆଏଜ୍ ସମ୍ବଲ୍‌ପୁରୀ ବହିହାଟ୍ ମୁଲ୍ ହେଇଛେ । ସଖାଲର୍ ୧୦ ବଜେ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟର୍ କୁଳପତି ପ୍ରଫେସର୍ ଏନ୍. ନାଗାରାଜୁ ବହିହାଟ୍‌ର ଉଦ୍‌ଘାଟନ୍ କରିଥିଲେ । ଉଦ୍‌ଘାଟନୀ ସମାରୋହଥି ସାହିତ୍ୟ ସାଧକ୍ ଯୋଗାଚାର୍ଯ୍ୟ ଜୟଦେବ୍ ଡନ୍‌ସନାଙ୍କୁ କଲମଶ୍ରୀ ସମ୍ମାନ୍‌ଥି ସମ୍ମାନିତ୍ କରାଯାଇଥିଲା । ଆଏଜ୍ ବହିହାଟର୍ ପହେଲା ଦିନ ସମ୍ବଲ୍‌ପୁରୀ ସାହିତ୍ୟର୍ ଭିନ୍ ଭିନ୍ ଦିଗ୍ ଉପ୍‌ରେ ଆଲୋଚନାଚକ୍ର ଆର୍ ବିଦ୍ୟାଳୟ ଆଉ ବିଶ୍ୱବିଦ୍ୟାଳୟର୍ ଛାତ୍ରଛାତ୍ରୀଙ୍କର୍ ଭିତ୍‌ରେ ସାଧାରଣ୍ ଜ୍ଞାନ ପ୍ରତିଯୋଗିତା କରାଯାଇଥିଲା । ଇ ବହିହାଟ୍ ଆଏବା

କାଏଲ୍ ସଖାଲର୍ ୧୦ ବଜାନୁ ରାତି ୮ ବଜାତକ୍ ଖୁଲା ରହେବା ।

ମୁଖ୍ଫଲି ବିଜା ବଂଟନ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କୃଷି କାର୍ଯ୍ୟାଲୟ ପରିସର ନ ସମନ୍ୱିତ କୃଷି ଚାଷ ପ୍ରଣାଳୀଥି ଚାଷୀମାନ୍କୁ ମାହାଲିଆ ମୁଖ୍ଫଲି ବିଜା ବଂଟାଯାଇଛେ । ହେଥି ଖଡ଼ିଆଲ୍ ବ୍ଲକ୍ର ୭ ଟା ପଂଚାୟତ୍ର ୩ ଶହ ଝନ୍ ଆର୍ ବୋଡ଼େନ୍ ବ୍ଲକ୍ର ୩ ଟା ପଂଚାୟତ୍ର ଦେଢ୍ ଶହ ଝନ୍ ଚାଷୀଙ୍କୁ ମୁଖ୍ଫଲି ବିଜା ଦିଆଯାଇଛେ ।

ବ୍ଲକ୍ସ୍ତରୀୟ କ୍ରୀଡ଼ାଙ୍ଗନ ପ୍ରଶିକ୍ଷଣ ଶିବିର ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍ର ଖଟ୍ଖଟିଆ ଶ୍ରୀ ଜଗନ୍ନାଥ ସର୍କାରୀ ଉଚ୍ଚ ବିଦ୍ୟାପୀଠ ନ ବ୍ଲକ୍ସ୍ତରୀୟ କ୍ରୀଡ଼ାଙ୍ଗନ ପ୍ରଶିକ୍ଷଣ ଶିବିର ହେଇଯାଇଛେ । ହେଥି ବ୍ଲକ୍ର ୩୭ ଟା ହାଇସ୍କୁଲ୍ର କ୍ରୀଡ଼ାଶିକ୍ଷକ୍ମାନେ ଭାଗ୍ ନେଇଥିଲେ ।

ଜାତୀୟ ସିନିୟର୍ ଆର୍ ଜୁନିଅର୍ ତାଇକୋଣ୍ଡ ପ୍ରତିଯୋଗିତା

ଆର୍‌ଏନ୍‌ୟୁ/ କଟକ୍

କଟକ୍ ଜବାହାର୍‌ଲାଲ୍ ନେହେରୁ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ନ ଆଏଜ୍‌ଠାନୁ ଜାତୀୟ ସିନିୟର୍ ଆର୍ ଜୁନିଅର୍ ତାଇକୋଣ୍ଡ ପ୍ରତିଯୋଗିତା ମୁଲ୍ ହେଇଛେ । ହେଥି ଦେଶର୍ ୨୨ ଟା ରାଜ୍ୟନୁ ୭ ଶହ ୩୧ ଝନ୍ ପ୍ରତିଯୋଗୀ ଭାଗ୍ ନେଇଛନ୍ । ଇ ପ୍ରତିଯୋଗିତାର୍ ପ୍ରଦର୍ଶନ୍‌କେ ଆଧାର୍ କରିକରି ବିଶ୍ୱ ଅଲମ୍ପିକ୍ସ ଲାଗି ଭାରତୀୟ ଦଲ୍ ଚୟନ୍ କରାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ଉତର୍‌ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍ ପ୍ରଭାବ୍‌ଥି ଆଏଜ୍ ରାଜ୍ୟର୍ ଭିନ୍ ଭିନ୍ ଜାଗାନ ବର୍ଷା ହେଇଛେ । ଆଏବାକାଏଲ୍ ସଖାଲ୍‌ତକ୍ ପଶ୍ଚିମ ଓଡ଼ିଶାର୍ ସମ୍ବଲ୍‌ପୁର୍, ବର୍‌ଗଡ଼୍, ଦେବ୍‌ଗଡ଼୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍ ଜିଲ୍ଲା ସହେତେ ରାଜ୍ୟର୍ ୧୩ ଟା ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଆକଳନ୍ କରାଯାଇଛେ । ସୂଚ୍‌ନା ଅନ୍‌ସାରେ ରାଜ୍ୟର୍ ଅନ୍ୟ ଇଲାକା ନ ଭିଲ୍ ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ହେବାର୍ ସମ୍ଭାବନା ଅଛେ ।

ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଇ ବଛର୍ ରାଜ୍ୟ ନ ୬୦ ଦଶ୍ମିକ୍ ୧ ପ୍ରତିଶତ୍ ନିଅଂଟିଆ ବର୍ଷା ହେଇଛେ । ଚଲ୍ତି ଜୁନ୍ ମାସର୍ ୧ ତାରିଖ୍ନୁ ଆଏଜ୍ତକ୍ ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ଶହେ ୪୧ ଦଶ୍ମିକ୍ ୩ ମିଲିମିଟର୍ ବର୍ଷା ହେଇଛେ । ହେଲେ ଇ ସମିଆ ଭିତ୍ରେ ୨ ଶହ ୧ ଦଶ୍ମିକ୍ ୪ ମିଲିମିଟର୍ ବର୍ଷା ହେବା ବଲି ଆକଲନ୍ କରାଯାଇଥିଲା । ଏବ୍ତକ୍ ରାଜ୍ୟର୍ ୧୭ ଟା ଜିଲ୍ଲା ନ ନିଅଂଟିଆ ବର୍ଷା ହେଇଛେ ।